ପାଶବିକତା ଠାରୁ ବି ଅଧିକ ଜଘନ୍ୟ ସନ୍ତ୍ରାସବାଦ

ଜେନାପୁର (ଅମୃତ ମିଡିଆ) : ପାଶବିକତାର ଠାରୁ ବି ସନ୍ତ୍ରାଶବାଦ ଅଧିକ ଜଘନ୍ୟ ବୋଲି ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଭାରତୀୟଙ୍କ ମୃତ୍ୟୁ ଘଟଣାରୁ ପ୍ରମାଣିତ ହୋଇଛି । ଏଭଳି ମାନବିକତାର ମୃତ୍ୟୁ ଆଜିର ମାନବଜାତି ପାଇଁ ସର୍ବଶ୍ରେଷ୍ଠ ବିପଦ ବୋଲି ବରିଷ୍ଠ ଯୁବନେତା ସତୀଶ ବିଶ୍ୱାଳ ମତ ପ୍ରକାଶ କରିଛନ୍ତି । ଏଥିନେଇ ଯାଜପୁର ଜିଲ୍ଲାର 'ମହିଳା ସଶକ୍ତିକରଣ ସଂଗଠନ ଧର୍ମଶାଳା' ତରଫରୁ ନୀରବ ଶୋଭାଯାତ୍ରା କରାଯାଇ ଥିଲା । ଏହାପରେ ସନ୍ତ୍ରାଶବାଦ ବିରୋଧରେ ଭାରତ ଲଢେଇର ବିଜୟ ପାଇଁ ଚଣ୍ଡୀଖୋଲର ଆରାଧ ଦେବୀ ମା ଚଣ୍ଡୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ଥିଲା । ମା ଚଣ୍ଡୀଙ୍କୁ ପଦ୍ମଫୁଲର ମାଳ ପିନ୍ଧାଯାଇ ଶତାଧିକ ମହିଳା ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ । ଏହାପରେ ମୃତ୍ୟୁ ବରଣ କରିଥିବା ଭାରତୀୟଙ୍କ ଆତ୍ମାର ସଦଗତି କାମନା କରିଥିଲେ । ସେମାନଙ୍କ ପରିବାରର ଉତୋରତର ଉନ୍ନତି ପାଇଁ ସତୀଶଙ୍କ ସହ ମହିଳା ମାନେ ସମୂହ ଦୀପଦାନ କରି ନୀରବ ପ୍ରାର୍ଥନା କରିଥିଲେ । ଏଥିରେ ସତୀଶ କହିଥିଲେ ଯେ, ମୋର ମାଆ ଓ ଭଉଣୀ ମାନଙ୍କ ବିପୁଳ ସଂଖ୍ୟାରେ ନିଜସ୍ୱ ଉଦ୍ୟମରେ ଉପସ୍ଥିତି ଏବଂ ସେମାନଙ୍କ ଦେଶପ୍ରେମକୁ ପ୍ରଣାମ ଜଣାଇବା ସହ ଗଭୀର କୃତଜ୍ଞତା ଜଣାଉଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶର ମୁକ୍ତି ସଂଗ୍ରାମକୁ ମଧ ଦେଶ ଭିତରର କିଛି ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧ କରୁଥିଲେ । ସେହିଭଳି ସନ୍ତ୍ରାସବାଦକୁ ମଧ ଦେଶ ଭିତରେ ଥିବା କିଛି ଦୋଦ୍ରୋହୀ ଭିତିରି ସମର୍ଥନ ଦେବା ଦୁର୍ଭାଗ୍ୟ ଜନକ । ଦେଶର ଏଭଳି ଘଡିସନ୍ଧି ସମୟରେ ସମସ୍ତ ଦେଶବାସୀ ଦଳ ମତ ନିର୍ବିଶେଷରେ ରାଷ୍ଟ୍ର ସ୍ୱାର୍ଥ ପାଇଁ ନିଜ ଜୀବନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ମଧ ଧର୍ମଶାଳାର ବହୁ ପୂର୍ବତନ ପଂଚାୟତ ମହିଳା ପ୍ରତିନିଧି ଯୋଗ ଦେଇଥିଲେ । ଏଥିରେ ଯୁବ ସଂଗଠକ ରମେଶ ପରିଡା ସ୍ୱାଗତ ଭାଷଣ , ଜୟନ୍ତି ଜେନା ପ୍ରାରମ୍ଭିକ ସୂଚନା, ପଦ୍ମାବତୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କଲେ ପର୍ଯ୍ୟଟନ ସଚିବ

କୋଣାର୍କ (ଅମୃତ ମିଡିଆ) : କୋଣାର୍କ , ଚନ୍ଦ୍ରଭାଗା ଓ ରାମଚଣ୍ଡୀ ପୀଠକୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛି । ଏନେଇ ସୋମବାର ପୂର୍ବାହ୍ନରେ ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମୀକ୍ଷା କରିଛନ୍ତି ପର୍ଯ୍ୟଟନ ସଚିବ ବଲଓ୍ୱନ୍ତ ସିଂ ତତ୍ ସହିତ କୋଣାର୍କ ଯାତ୍ରୀ ନିବାସ, ଗୀତାଞ୍ଜଳି ରେଷ୍ଟୁରାଣ୍ଟ ଓ ଉଡେନ ରେଷ୍ଟୁରାଣ୍ଟର ପୁନରୁଦ୍ଧାର କରାଯିବ । ଚନ୍ଦ୍ରଭାଗା ସମୁଦ୍ର କୂଳରେ ଥିବା ଅସ୍ଥାୟୀ ହସ୍ତଶିଳ୍ପ ବ୍ୟବସାୟ ଦୋକାନ ଓ ସ୍ଥାୟୀ ଦୋକାନ ଗୁଡିକୁ ଉଚ୍ଛେଦ କରାଯାଇ ବ୍ୟବସାୟୀଙ୍କୁ ମେଳା ପଡିଆରେ ଥଇଥାନ କରାଯିବ । ମେଳା ପଡିଆରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ଜୟଦେବ ବାଟିକା ନିକଟରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ହେବ ଚନ୍ଦ୍ରଭାଗା ବେଳାଭୂମି ସୌନ୍ଦର୍ଯ୍ୟକରଣ ପାଇଁ ୪୬କୋଟି ବ୍ୟୟ ଅଟକଳ ରହିଛି । ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ନିକଟରୁ ମେରାଇନ ଥାନା ସମ୍ମୁଖ ପର୍ଯ୍ୟନ୍ତ ବେଳାଭୂମି ସୌନ୍ଦର୍ଯ୍ୟ କରଣ ହେବ । ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା, ସିଟିଙ୍ଗ୍ ବେଞ୍ଚ, ଖେଳକୁଦ, ଲନ୍, ଶୌଚାଳୟ, ଲାଇଫ୍ ଗାର୍ଡ, ଆଲୋକ ବ୍ୟବସ୍ଥା ଆଦି ସୁବିଧା ଉପଲବ୍ଧ ହେବ । ଆଜିର ଏହି ଗ୍ରସ୍ତ ସମୟରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ବିଭାଗୀୟ ଉଚ୍ଚ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ସେନାକୁ ...

ସମୟ ନିର୍ଧାରଣ ସମ୍ପର୍କିତ ଅପରେସନାଲ ନିଷ୍ପତ୍ତି ନେବା ପାଇଁ ମୁକ୍ତ ଅନୁମତି ପ୍ରଦାନ କରିଛନ୍ତି । ଏହି ବୈଠକ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ କମିଟି ଅନ ସିକ୍ୟୁରିଟି (ସିସିଏସ)ର ବୈଠକ ପୂର୍ବ ଦିନ ଅନୁଷ୍ଠିତ ହୋଇଛି । ସିସିଏସ ହେଉଛି ଜାତୀୟ ସୁରକ୍ଷା ବିଷୟରେ ସରକାରଙ୍କର ସର୍ବୋଚ୍ଚ ନିଷ୍ପତ୍ତି ନେବା ସଂସ୍ଥା ।

'ଦେଶ ଆତଙ୍କବାଦୀଙ୍କ...

ଏପରି ଦସ୍ତାବଜ ହେବ ନାହିଁ, ଯାହାକୁ ରାସ୍ତା ଉପରେ ବି ଚର୍ଚ୍ଚା କରାଯିବ । ବୈଷୟିକ କମିଟି ରିପୋର୍ଟରୁ କେଉଁ କେଉଁ ତଥ୍ୟ ସମ୍ବନ୍ଧିକ ବ୍ୟକ୍ତିଙ୍କ ସହ ସେୟାର କରାଯାଇପାରିବ ତାର ଯାଞ୍ଚ ସୁପ୍ରିମକୋର୍ଟ କରିବେ । ମାମଲାର ପରବର୍ତ୍ତୀ ଜୁଲାଇ ୩୦ରେ ହେବ । ଉଲ୍ଲେଖଯୋଗ୍ୟ ପେଗାସସ୍ ଏକ ଇସ୍ରାଏଲୀ ସ୍ପଫ୍ଟୱେର । ଏହାକୁ ମୋବାଇଲ୍ ଫୋନ୍ ହ୍ୟାକ୍ କରି ନଜର ରଖିବା ପାଇଁ ବ୍ୟବହାର କରାଯାଇଥାଏ । ୨୦୨୧ରେ ଅନେକ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ ଭାରତରେ ଅନେକ ସାମ୍ବାଦିକ, ନେତା ଓ ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ଫୋନର ଗୁଇନ୍ଦାଗିରି କରାଯାଇଥିଲା । ଏହାପରେ ସୁପ୍ରିମକୋର୍ଟ ଏହି ମାମଲାର ନିରପେକ୍ଷ ତଦନ୍ତ ଆଦେଶ ଦେଇଥିଲେ । ୨୦୨୧ରେ ସୁପ୍ରିମକୋର୍ଟ ପେଗାସସ ମାମଲାର ତଦନ୍ତ ପାଇଁ ବୈଷୟିକ କମିଟି ଓ ଏକ ନିରୀକ୍ଷମ କମିଟି ଗଠନ କରିଥିଲେ ।

ଜଷ୍ଟିସ...

ଓକିଲ ଭାବେ କାର୍ଯ୍ୟ କରିଥିଲେ । ୨୦୦୩ରେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ ହେବା ପୂର୍ବରୁ ସେ ନାଗପୁର ଓ ଅମରାବତୀ ମ୍ୟୁନିସିପାଲ କର୍ପୋରେସନ ଏବଂ ଅମରାବତୀ ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠାନକୁ ପ୍ରତିନିଧିତ୍ୱ କରିଥିଲେ । ୨୦୦୫ରେ ସ୍ଥାୟୀ ବିଚାରପତି ହେବା ପରେ, ସେ ମୁମ୍ବାଇ, ନାଗପୁର, ଔରଙ୍ଗାବାଦ ଏବଂ ପଣଜିରେ ବିଭିନ୍ନ ମାମଲାର ଶୁଣାଣି କରିଥିଲେ । ୨୦୧୯ ମେ ୨୪ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ଉନ୍ନୀତ ହେବା ପୂର୍ବରୁ ସେ ହାଇକୋର୍ଟରେ ୧୬ ବର୍ଷ କାର୍ଯ୍ୟ କରିଥିଲେ ।

କାନାଡା ...

ମାର୍କ କାର୍ନି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ । ଟ୍ରମ୍ପ ବାରମ୍ବାର କାନାଡାକୁ ଆମେରିକାରେ ମିଶାଇବା ପାଇଁ ଆହ୍ୱାନ କରିଥିଲେ, ଏହି ପଦକ୍ଷେପକୁ କାର୍ନି ଦୃଢ଼ ବିରୋଧ କରିଥିଲେ ଏବଂ ତାଙ୍କ ଦେଶର ସାର୍ବଭୌମତ୍ୱକୁ ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଜନସାଧାରଣ ତାଙ୍କ ମନୋଭାବକୁ ପ୍ରଶଂସା କରିଥିଲେ ଏବଂ ତାଙ୍କୁ ବିପୁଳ ବହୁମତରେ କ୍ଷମତା ଦେଇଥିଲେ । ମାର୍କ ଜୋସେଫ କାର୍ନି ୧୬ ମାର୍ଚ୍ଚ ୧୯୬୫ରେ କାନାଡାର ଫୋର୍ଟ ସ୍ମିଥରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ପିଲାଦିନ ଏଡମୋଣ୍ଟନରେ ବିତିଥିଲା । ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ପାଇଥିଲେ । ମାର୍କ କାର୍ନି ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ ଗୋଲ୍ଡମ୍ୟାନ ସାକ୍ସ ସହିତ ଜଣେ ନିବେଶ ବ୍ୟାଙ୍କର ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ । ସେ ନ୍ୟୁୟର୍କ, ଲଣ୍ଡନ, ଟୋକିଓ ଏବଂ ଟୋରଣ୍ଟୋ ଭଳି ବିଶ୍ୱ ଆର୍ଥିକ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟ କରି ବ୍ୟାପକ ବ୍ୟବସାୟିକ ଅଭିଜ୍ଞତା ହାସଲ କରିଥିଲେ । ଏହା ପରେ ସେ ସରକାରୀ ସେବାର ପଥ ବାଛିଲେ ଏବଂ ୨୦୦୮ ମସିହାରେ ତାଙ୍କୁ ବ୍ୟାଙ୍କ ଅଫ କାନାଡାର ଗଭର୍ନର ଭାବରେ ନିଯୁକ୍ତ କରାଯାଇଥିଲା ।

ବିଧାୟକଙ୍କ ଗାଡ଼ି ଡ୍ରାଇଭରଙ୍କୁ ମାଡ଼ : ଜଣେ ଅଟକ

ପିପିଲି (ଅମୃତ ମିଡିଆ) : ପିପିଲି ମଙ୍ଗଳପୁର ନିକଟ ବରଜୁପାଟଣା ଗ୍ରାମ ରେ ବିଧାୟକ ଆଶ୍ରୀତ ପଟ୍ଟନାୟକ ଙ୍କ ଗାଡ଼ି ଡ୍ରାଇଭରକୁ ଆକ୍ରମଣ ଅଭିଯୋଗରେ ସ୍ଥାନୀୟ ଅଂଚଳର ଜଣେ ଯୁବକକୁ ପୋଲିସ ଅଟକ ରଖିଛି । ଅଟକ ଥିବା ଯୁବକ ଜଣକ ହେଲେ ସ୍ଥାନୀୟ ଅଂଚଳର ବିବୁନା ବେହେରା (୩୪) ବୋଲି ଜଣାପଡ଼ିଛି । ସୂଚନା ମୁତାବକ ଆଜି ସନ୍ଧ୍ୟା ସମୟରେ ପିପିଲି ମଙ୍ଗଳପୁର ନିକଟ ବରଜୁପାଟଣ ଗ୍ରାମରେ ବିଧାୟକ ଆଶ୍ରୀତ ପଟ୍ଟନାୟକ ଓ ପୁରୀ ସାଂସଦ ସମ୍ବିତ ପାତ୍ର ଆୟୁଷ୍ମାନ କାର୍ଡ ବାଣ୍ଟିବା ପାଇଁ ଗାଡ଼ିକୁ ରାସ୍ତା କଡରେ ଗାଡ଼ି ରଖି ଗ୍ରାମର ସାହି ଭିତରକୁ ଯାଇଥିଲେ । ଏହି ସମୟରେ ନିକଟସ୍ଥ ଗ୍ରାମ ର ବିବୁନା ବେହେରା (୩୪) ଏକ ବାଇକ୍ ରେ ଆସି ଭାରସାମ୍ୟ ହରାଇ ବିଧାୟକଙ୍କ ଗାଡ଼ି ସହ ଧକ୍କା ହୋଇଥିଲା । ଫଳରେ ବିଧାୟକ ଗାଡ଼ି ଡ୍ରାଇଭର ଟୁଟୁ ପରିଡ଼ାଙ୍କ ସହ ବୁବୁନା ମଧ୍ୟରେ ପାଟିତୁଣ୍ଡ ମାରପିଟ୍ ହୋଇଥିଲା । ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକ କୁ ଥାନାକୁ ଉଠାଇ ଆଣିଥିଲେ । ଏନେଇ ବିଧାୟକଙ୍କ ଗାଡ଼ି ଡ୍ରାଇଭର ଟୁଟୁ ପରିଡ଼ା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଘଟଣାର ଯୁବକ ଅଟକ ରଖି ପଚରାଉଚରା ଜାରୀ ରଖିଥିବା ପିପିଲି ଥାନା ଅଧିକାରୀ ସୈମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି ।

ପହଲଗାମରେ ସହୀଦ ପର୍ଯ୍ୟଟକଙ୍କ ପାଇଁ ବିଜେଡି ପକ୍ଷରୁ ମଶାଲ ଶୋଭାଯାତ୍ରା

ନିମାପଡ଼ା (ଅମୃତ ମିଡିଆ) : ଗତ ୨୨ତାରିଖରେ କାଶ୍ମୀର ପହଲଗାମରେ ଆତଙ୍କବାଦୀ ମାନେ ଘଟାଇଥିବା ବର୍ବରୋଚିତ କାଣ୍ଡରେ ନିହତ ହୋଇଥିବା ୨୬ଜଣ ନିରୀହ ପର୍ଯ୍ୟଟକଙ୍କ ପାଇଁ ଆଜି ବିଜେଡି ନେତା ଦିଲିପ ନାୟକଙ୍କ ନେତୃତ୍ୱରେ ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ମହାବୀର ମନ୍ଦିର ନିକଟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସମ୍ପୂର୍ଣ୍ଣ ବଜାର ପରିକ୍ରମା କରିବା ସହିତ ପାକିସ୍ତାନ ମୂର୍ଦ୍ଦାବାଦ୍ ଧ୍ୱନିରେ ସମ୍ପୂର୍ଣ୍ଣ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଶେଷରେ ଶୋଭାଯାତ୍ରାଟି ବ୍ଲକ୍ ଛକ ନିକଟରେ ପହଞ୍ଚି ସେଠାରେ ପାକିସ୍ତାନର ଜାତୀୟ ପତାକାକୁ ପୋଡିବା ସହ ନିହତ ସମସ୍ତ ନୀରିହ ମାନଙ୍କ ସହିତ ଓଡ଼ିଆ ପୁଅ ପ୍ରଶାନ୍ତ ଶତପଥୀଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋଭାଯାତ୍ରାରେ ନିମାପଡ଼ା, ଗୋପର ଛାମୁଆଁ ନେତା ଓ କର୍ମୀ ମାନଙ୍କ ସହିତ ସଂଖ୍ୟାଧିକ ଯୁବ, ଛାତ୍ର ମାନେ ଯୋଗଦେଇଥିବା ଦେଖିବାକୁ ମିଳିଛି । ଆଗାମୀ ଦିନରେ ଏହି ବର୍ବର କାଣ୍ଡ ପାଇଁ ଆତଙ୍କବାଦୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ପାକିସ୍ତାନକୁ ଉଚିତ୍ ଜବାବ ଦେବାକୁ ନିମାପଡ଼ା ବିଜୁ ଜନତା ଦଳ ପକ୍ଷରୁ ଭାରତ ସରକାରଙ୍କୁ ନିବେଦନ କରାଯାଇଥିଲା ।

ଆନ୍ଦୋଳନର ଚେତାବନୀ ଦେଲା 'ଭଞ୍ଜସେନା'

ଅଧ୍ୟକ୍ଷ ଡ. ଯତିନ ମହାକୁଡ଼ ଓ ଅଧ୍ୟାପକ ଆଲୋକ ପ୍ରଧାନଙ୍କ ବଦଳି ଦାବି



ବାରିପଦା /ଉଦଳା (ଅମୃତ ମିଡିଆ) : ଉଦଳା ମହାବିଦ୍ୟାଳୟର କାର୍ଯ୍ୟରତ ଅଧ୍ୟକ୍ଷ ଡ଼. ଯତିନ ମହାକୁଡ଼ ଓ ବରିଷ୍ଠ ଅଧ୍ୟାପକ ଆଲୋକ ପ୍ରଧାନଙ୍କ ବିରୁଦ୍ଧରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ଏଥିପାଇଁ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏହି ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ଏଠାରୁ ତୁରନ୍ତ ବଦଳି କରାଯାଉ ବୋଲି ବାରମ୍ବାର ଦାବି ଉଠୁଛି । ତେବେ ଆଜି ପୁଣିଥରେ ଭଂଜସେନା ତରଫରୁ ଏ ବାବଦରେ ଦାବି ଉଠିବା ସହ ମୟୂରଭଂଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉଦଳା ଠାରେ ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଭଂଜସେନା ତରଫରୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି । ସାତ ଦିନ ମଧ୍ୟରେ ଏହି ଦାବି ପୂରଣ ନହେଲେ ଭଂଜସେନା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନି ମଧ ଦିଆଯାଇଛି । ଭଂଜସେନାର କିସନ କୁମାର ସାହୁ ଓ ରବିନ ମହାନ୍ତି ଆଜି ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବାର ଜଣାଯାଇଛି ।

କାଶ୍ମୀର ନରସଂହାର ପ୍ରତିବାଦରେ ବାରିପଦା ବିଜେପିର ମହମବତି ଶୋଭାଯାତ୍ରା

ବାରିପଦା (ଅମୃତ ମିଡିଆ) : କାଶ୍ମୀରର ପେହେଲଗାମରେ ନିକଟରେ ପାକିସ୍ତାନୀ ଆତଙ୍କବାଦୀ ମାନଙ୍କ ଦ୍ୱାରା ୨୬ ଜଣ ନିରୀହ ହିନ୍ଦୁ ପର୍ଯ୍ୟଟକଙ୍କୁ କରାଯାଇଥିବା ନିର୍ମମ ହତ୍ୟାର ପ୍ରତିବାଦରେ ଶନିବାର ସନ୍ଧ୍ୟାରେ ବିଜେପି ବାରିପଦା ନଗର ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦଳର ବାରିପଦା ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋଭାଯାତ୍ରା, ସ୍ଥାନୀୟ ଟ୍ରାଫିକ ଛକରୁ ବାହାରି କେସି ସର୍କଲ ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ପୂର୍ବତନ ସଭାପତି ବିଜୟ ଦାସ, ନିରଞ୍ଜନ ଦାସ, ଗଣେଶ ନାୟକ, ନରୋତ୍ତମ ପାଣିଗ୍ରାହୀ, ଜିଲ୍ଲା ଯୁମୋର୍ଚ୍ଚା ସମ୍ପାଦକ ଦେବବ୍ରତ ସାମଲ, ପାୟଲ ରାୟ, ସୁଶ୍ମିତା ପୃଷ୍ଟି, ମାନସୀ ତ୍ରିପାଠୀ, ପୁରୁଷୋତ୍ତମ ସେଠି, ଦିପାଳି ନାୟକ, ସୃଷ୍ଟି ଓତା, କଳ୍ପତରୁ ରାୟବାବୁ ପ୍ରମୁଖ ଯୋଗଦେବା ସହ ବହୁ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଶୋଭାଯାତ୍ରାକାରୀ ମାନେ ଆତଙ୍କବାଦ, ଆତଙ୍କବାଦୀ ଓ ପାକିସ୍ତାନ ବିରୋଧରର ସ୍ଲୋଗାନମାନ ଦେଇଥିଲେ. ଏଥିସହ ପ୍ରାଣ ହରାଇଥିବା ନିରୀହ ପର୍ଯ୍ୟଟକଙ୍କ ସ୍ମୃତିରେ ନିରବ ପ୍ରାର୍ଥନା ମଧ କରିଥିଲେ ।

ମଧୁବାବୁଙ୍କ ଜୟନ୍ତୀ ପାଳିତ

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ରାଜିବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱାଭିମାନ ଦିବସ ବା ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଇଘର ପଂଚାୟତ ସମିତି ମହାବିଦ୍ୟାଳୟ ର ଅଧ୍ୟକ୍ଷ ପରୀକ୍ଷିତ ସାହୁ ଯୋଗଦେଇ ମଧୁ ବାବୁଙ୍କ ଓଡ଼ିଶା ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ର ସାମନ୍ତରାୟ, ସାଗର ପରିଡ଼ା, ସୁକଦେବ ମଲିକଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ ଶିକ୍ଷକ ଅଭିରାମ ଲେଙ୍କା ପରିଚାଳନା କରିଥିବା ବେଳେ ବହୁ ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ଥିଲେ ।

ଜଳଖିଆ ଦୋକାନକୁ ପଶିଗଲା ଟ୍ରକ

ଦୋକାନୀ ଆହତ, ଦୋକାନ ଛାରଖାର

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ନାନକାର ଛକରେ ଥିବା ଏକ ଜଳଖିଆ ଦୋକାନରେ ଏକ ଟ୍ରକ ପଶିଯିବାରୁ ଦୋକାନଟି ଭାଙ୍ଗିରୁଜି ଛାରଖାର ହୋଇଯାଇଛି । ଏଥିରେ ଦୋକାନୀ ନକୁଳି ଚରଣ ବାରିକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତାଙ୍କ ମୁଣ୍ଡ ଫାଟିଯିବା ସହ ଅଣ୍ଟାରେ ଆଘାତ ଲାଗିଛି । ଖବର ପାଇ ସଦର ଥାନା ପୋଲିସ ଟ୍ରକ ଟିକୁ ଜବତ କରିବା ସହ ଆହତ ନକୁଳିଙ୍କୁ ଡାକ୍ତରଖାନା ନେଇଥିଲା । ଘଟଣାସ୍ଥଳରୁ ଟ୍ରକ ଚାଳକ ଫେରାର ହୋଇଯାଇଥିଲେ । ସଂପୃକ୍ତ ଟ୍ରକ ଚାଳକଙ୍କୁ ଗିରଫ କରିବା ସହ ଭାଙ୍ଗିଥିବା ଦୋକାନ ନିର୍ମାଣ ପାଇଁ କ୍ଷତିପୂରଣ ଦେବାକୁ ନକୁଳି ଦାବି କରିଛନ୍ତି ।

ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଆଇନଜୀବୀ ଦିବସ ଅବସରରେ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏକ ବର୍ଣ୍ଣାଢ଼୍ୟ ସମାବେଶରେ ପୂଣ୍ୟାତ୍ମା ମଧୁସୁଦନ ଦାସଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରିତା ମହାନ୍ତି ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ଓଡ଼ିଆ ପ୍ରଫେସର ମୋହନ ଚରଣ ଜେନା ମୁଖ୍ୟବକ୍ତା, ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ବାର୍ କାଉନସିଲ ସଦସ୍ୟ ଦିନେଶ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଓଡ଼ିଶା ପ୍ରତି ତଥା ଓକିଲ ସମାଜ ପ୍ରତି ଥିବା ଅବଦାନ ଉପରେ ଆଲୋକ ପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଅଧିବକ୍ତା ଧ୍ରୁବ ଚରଣ ଜେନା, ବିଚିତ୍ରାନନ୍ଦ ମହାନ୍ତି, ସରୋଜରାଜ ସିଂ, ଭୀମସେନ ଭୂୟାଁ, ସଞ୍ଜୟ କୁମାର ପତ୍ରୀ, ଗୋକୁଳି ରଞ୍ଜନ ଦାଶ, ଧିରେନ ସାହୁ, ଆଶିଷ ସେନାପତି, ସଙ୍ଘ ସମ୍ପାଦକ ନୃସିଂହ ଚରଣ ରାଉତ ପ୍ରମୁଖ ଯୋଗ ଦେଇ ମଧୁସୁଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ପରେ ମଧୁ ସମ୍ମାନରେ ଧ୍ରୁବ ଚରଣ ଜେନାଙ୍କୁ ସମ୍ମାନିତ କରାଯାଇଥିଲା । ଅଧିବକ୍ତା ନିଶିଥ ଚକ୍ରବର୍ତ୍ତୀ ଓ ସୁଶ୍ରୀ ସଂଗୀତା ଦାଶଙ୍କୁ 'ଚକ୍ରଧର ସେନାପତି ସମ୍ମାନ' , 'ସୁରେଶ ଚନ୍ଦ୍ର ସେନାପତି ସ୍ମୃତି ସମ୍ମାନ' ତୁଳସୀ ମହାରଣାଙ୍କୁ 'ସୁଧାଂଶୁବାଳା ଦାସ ସ୍ମୃତି ସମ୍ମାନ' ମାନସ କୁମାର ମହାନ୍ତିଙ୍କୁ 'ଭାଗବତ ମହାନ୍ତି ସ୍ମୃତି ସମ୍ମାନ' ସୁରେଶ ପ୍ରଧାନଙ୍କୁ 'ଜଗଦାନନ୍ଦ ପଣ୍ଡା ସ୍ମୃତି ସମ୍ମାନ' ଅଶୋକ ଗୋଛାୟତଙ୍କୁ 'ପିତାମ୍ବର ମହାପାତ୍ର ସ୍ମୃତି ସମ୍ମାନ' ନେହେରୁ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା । ବାର ଆସୋସିଏସନର କୋଷାଧ୍ୟକ୍ଷ ବିଭୂତି ଭୂଷଣ କର ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଆଶିଷ ସାମଲ, ଶାନ୍ତି ଭୂୟାଁ, ନିତ୍ୟାନନ୍ଦ ସ୍ୱାଇଁ, ଗୌର ପ୍ରସାଦ ମହାପାତ୍ର, ରମେଶ ପ୍ରସାଦ ଲେଙ୍କା, ସୁବାସ ନାୟକ, ସୁବାଷ ମିଶ୍ର, ହାଡିବନ୍ଧୁ ସିଂ, ବିନୋଦ ବିହାରୀ ବେହେରା, ହରି ପ୍ରସାଦ କର, ମମତା ସାମଲ, ନରେଶ ଚନ୍ଦ୍ର ଦାସ, ରେଣୁବଳା ସାମଲ, ରାଜୀବ ପାତ୍ର ପ୍ରମୁଖ ଶତାଧିକ ଅଧିବକ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ପ୍ରଦୀପଙ୍କ ପାଇଁ ଆତ୍ମହତ୍ୟା କରିଥିଲେ ଉଦୟନାଥ

ଜିଲ୍ଲାପାଳଙ୍କୁ ଗୁହାରି କଲେ ମୃତ ଉଦୟଙ୍କ ପତ୍ନୀ ମୀନା
ଚାକିରି ଦେବା ନାମରେ ପ୍ରଦୀପ ଲୁଟି ନେଇଥିଲେ ୧୨ ଲକ୍ଷ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଶ୍ରମ କାର୍ଯ୍ୟାଳୟରେ ପୂର୍ବରୁ ଜିଲ୍ଲା ଶ୍ରମ ଅଧିକାରୀ ଥିବା ପ୍ରଦୀପ ବାବୁଙ୍କ ପାଇଁ ଉଦୟନାଥ ମଲ୍ଲିକ ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିଲେ । ଉଦୟନାଥ ହେଉଛନ୍ତି ଆଳି ବ୍ଲକ ଅଧିନ ସିଙ୍ଗିରି ଗ୍ରାମପଞ୍ଚାୟତର ଅଳିହା ଗ୍ରାମର ବାସୀନ୍ଦା । ଗତ୨୦୦୯ ମସିହାରେ ପ୍ରଦୀପ ବାବୁ ନାମକ ଜଣେ ବ୍ୟକ୍ତି କେନ୍ଦ୍ରାପଡ଼ା ଶ୍ରମ କାର୍ଯ୍ୟାଳୟରେ ଜିଲ୍ଲା ଶ୍ରମ ଅଧିକାରୀ ଥିଲେ । ଏହି ସମୟରେ ପ୍ରଦୀପବାବୁ ଉଦୟନାଥଙ୍କ ମାଧ୍ୟମରେ ଡାଟା ଏଣ୍ଟ୍ରୀ ଅପରେଟର ପଦରେ ବିଭିନ୍ନ ଚାକିରୀ ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ୧୨ ଲକ୍ଷ ଟଙ୍କା ନେଇ ଯାଇଥିଲେ । ଆଳି ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳର ଯୁବକ ଯୁବତୀ ଡାଟା ଏଂଟ୍ରି ପଦବୀରେ ଚାକିରୀ କରିବା ପାଇଁ ଆଶାୟୀ ଥିଲେ । ସେମାନେ ଉଦୟଙ୍କ ଜରିଆରେ ପ୍ରଦୀପ ବାବୁଙ୍କୁ ୧୨ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଯେଉଁମାନେ ଏହି ଟଙ୍କା ଦେଇଥିଲେ ସେମାନେ ଚାକିରୀ ପାଇ ନଥିଲେ । ପରବର୍ତ୍ତୀ ସମୟରେ ଅନ୍ୟମାନେ ଚାକିରୀ ପାଇଥିଲେ । ଫଳରେ ଟଙ୍କା ଦେଇଥିବା ଯୁବକଯୁବତୀମାନେ ଟଙ୍କା ଫେରି ପାଇବା ପାଇଁ ଉଦୟଙ୍କୁ କହିଥିଲେ । ଉଦୟ ମଧ ଟଙ୍କା ଫେରାଇବା ପାଇଁ ପ୍ରଦୀପ ବାବୁଙ୍କୁ କହିଥିଲେ । ହେଲେ ପ୍ରଦୀପ ବାବୁ ତାଙ୍କୁ ଧରାଛୁଆଁ ଦେଇ ନଥିଲେ । ଫଳରେ ଉଦୟ ପ୍ରଦୀପଙ୍କୁ କହିଥିଲେ ଯେ ଟଙ୍କା ନ ଫେରାଇବାରୁ ଯୁବକ ଯୁବତୀମାନେ ତାଙ୍କ ଘରେ ଧାରଣା ଦେଉଛନ୍ତି । ଏହାଦ୍ୱାରା ତାଙ୍କ ସାମାଜିକ ସ୍ଥିତି ଦୋହଲି ଯାଉଛି । ତେଣୁ ସେ ବାଧ ହୋଇ ଆତ୍ମହତ୍ୟା କରିବେ ଓ ଏଥିପାଇଁ ପ୍ରଦୀପ ବାବୁ ଦାୟୀ ରହିବେ । ଏହା ଜାଣିବା ପରେ ମଧ ପ୍ରଦୀପ ବାବୁ କୌଣସି ପଦକ୍ଷେପ ନେଲେ ନାହିଁ କି ଉଦୟଙ୍କ ଠାରୁ ନେଇଥିବା ୧୨ ଲକ୍ଷ ଟଙ୍କା ଫେରାଇଲେ ନାହିଁ । ତେଣୁ ଉଦୟ ବାଧହୋଇ ୨୦୧୨ ମସିହାରେ ଆତ୍ମହତ୍ୟା କରିଦେଲେ । ଏ ନେଇ ଉଦୟଙ୍କ ପତ୍ନୀ ପ୍ରଦୀପଙ୍କୁ ଦାୟୀ କଲେ । ଫଳରେ ଗିରଫ ଭୟରେ ପ୍ରଦୀପ ଧରାଧରି କରି ନିଜର ବଦଳି ଜଗତସିଂହପୁର ଜିଲ୍ଲାକୁ କରାଇନେଲେ । ଏ ନେଇ ଉଦୟଙ୍କ ପତ୍ନୀ ମୀନା ମଲ୍ଲିକ କେନ୍ଦ୍ରାପଡ଼ା କୋର୍ଟରେ ଏକ ମାମଲା ଦାୟର କରିଥିଲେ । ମାମଲା କୋର୍ଟରେ ଚାଲିଥିବା ବେଳେ ପ୍ରଦୀପଙ୍କ ଚାକିରୀ ପ୍ରତି ଆଞ୍ଚ ଆସିଲା । ଫଳରେ ସେ ଉଦୟଙ୍କ ସାନଭାଇ ତଥା ମୀନାଙ୍କ ଦିଅରକୁ ହାତକରି ଏକ ସାଧା କାଗଜରେ ସ୍ୱାକ୍ଷର କରାଇନେଲେ । ସେ ଏହାର ବିରୋଧ କରିବାରେ ତାକୁ ପ୍ରଦୀପବାବୁ ଧମକ ଦେଇଥିଲେ । ଏହାଦ୍ୱାରା କୋର୍ଟରେ ଚାଲିଥିବା ମାମଲା ବନ୍ଦ ହୋଇ ଯାଇଥିଲା । କିନ୍ତୁ ଯେଉଁମାନେ ଟଙ୍କା ଦେଇଥିଲେ ସେମାନେ ଏବେ ଜୁଲମ କରୁଛନ୍ତି ଟଙ୍କା ଫେରି ପାଇବା ପାଇଁ । ମୀନାଙ୍କୁ କହୁଛନ୍ତି ଜମିବାଡି ଘରଦ୍ୱାରା ବିକ୍ରି କରି ଟଙ୍କା ଦେବା ପାଇଁ । ତେଣୁ ବାଧହୋଇ ମୀନା ଏବେ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କହିଛନ୍ତି ଉକ୍ତ ମାମଲାର ରିଓପନ୍ କରି ଦୋଷୀ ପ୍ରଦୀପଙ୍କୁ ଦଣ୍ଡ ଦେବା ପାଇଁ । ଏସମ୍ପର୍କରେ ପ୍ରଦୀପବାବୁଙ୍କୁ ପଚାରିବାରେ ସେ କହିଲେ ଯେ ମୋର ସେକଥା ମନେପଡୁନି । ଏହାର ତଦନ୍ତ କରାଗଲେ ସେ ସହଯୋଗ କରିବେ ବୋଲି କହିଛନ୍ତି ।

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ସ୍ମୃତି ଦିବସ ଉପଲକ୍ଷେ ସଚେତନ କାର୍ଯ୍ୟକ୍ରମ

ବ୍ରହ୍ମପୁର (ଅମୃତ ମିଡିଆ) : ଚଳିତବର୍ଷ ଯେଭଳି ଭାବରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଓ ଉତ୍ତାପ ଅନୁଭୂତ ହେଉଛି, ଶ୍ରମିକମାନଙ୍କ ପାଇଁ ତାହା ଅତ୍ୟନ୍ତ ଘାତକ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ କୋଠାବାଡି ଓ ବିଭିନ୍ନ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଗଞ୍ଜାମ ଜିଲ୍ଲା ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ସ୍ମୃତି ଦିବସ ଅବସରରେ ବ୍ରହ୍ମପୁର ସହରର ବିଭିନ୍ନ ଜାଗାରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ପାଖକୁ ଯାଇ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା । ଶ୍ରମିକମାନଙ୍କ ଅମୂଲ୍ୟ ଜୀବନକୁ ରକ୍ଷା କରିବା, ଧୂଆଁ, ଧୂଳି କେଉଁ ଭଳି ଭାବରେ ଶ୍ରମଜୀବୀଙ୍କ ପାଇଁ ଘାତକ, ଅତ୍ୟଧିକ ଖରା ଓ ଉତ୍ତାପରେ ଶ୍ରମିକ ମାନଙ୍କୁ କର୍ଯ୍ୟକରିବାକୁ ବାରଣ କରିବା ସହ ଶ୍ରମିକ ମାନଙ୍କ ଅଧିକାର ବିଷୟରେ ସ୍ଥାନୀୟ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଗଞ୍ଜାମ ଜିଲ୍ଲା ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଜିଲ୍ଲା ଯୁବ ଶାଖା ସଭାପତି ଚିନ୍ମୟ କୁମାର ହୋତା, ରାଜ୍ୟ ମହିଳା ଶାଖା ସହ-ସାଧାରଣ ସମ୍ପାଦିକା ସୁଚିତ୍ରା ଦାସ, ସଂପାଦିକା ସୁପ୍ରଭା କୁମାରୀ ଦାସ, ତ୍ରିଲୋଚନ ଲେଙ୍କା ଏବଂ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ଯୋଗ ଦେଇଥିଲେ ।